# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 21 April - 2025

*********************************

## ମୁଖ୍ୟ ସମ୍ବାଦ

- ରୋମାନ କ୍ୟାଥଲିକ୍ ଚର୍ଚ୍ଚର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ଙ୍କ ପରଲୋକ
- ବିଗତ ୧୦ ବର୍ଷ ମଧ୍ୟରେ ଦେଶର ସାମଗ୍ରୀକ ବିକାଶ ପ୍ରଭାବଶାଳୀ ଢଙ୍ଗରେ ସୁନିଶ୍ଚିତ ହୋଇପାରିଛି; କହିଲେ ପ୍ରଧାନମନ୍ତ୍ରୀ

– ସର୍ବାଙ୍ଗୀନ ଉନ୍ନତିକରଣ ଜିଲ୍ଲାଭାବେ କୋରାପୁଟ ଜିଲ୍ଲାକୁ ପୁରସ୍କୃତ କଲେ ପ୍ରଧାନମନ୍ତ୍ରୀ

- ସମ୍ବଲପୁରରେ ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି ଜାରି
- ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ପଇତାଲାଗି ନୀତି ପାଇଁ ଅପରାହ୍ନ ୫ଟାରୁ ୫ ଘଣ୍ଟା ପର୍ଯ୍ୟନ୍ତ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ଏବଂ

- ସୁପରକପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରି-କ୍ୱାର୍ଟର ଫାଇନାଲରେ କେରଳ ଓ ଗୋଆ ଏବଂ ଓଡ଼ିଶା ଓ ପଞ୍ଜାବ ମଧ୍ୟରେ ହେବ ମୁକାବିଲା

*Desk*

# ପୋପ୍ ଫ୍ରାନ୍ସିସ୍

ରୋମାନ କ୍ୟାଥୋଲିକ୍ ଚର୍ଚ୍ଚର ୨୬୬ତମ ପୋପ୍- ପୋପ୍ ଫ୍ରାନ୍ସିସଙ୍କର ଆଜି ୮୮ ବର୍ଷ ବୟସରେ ପରଲୋକ ହୋଇଛି। ଭାଟିକାନ୍ ସିଟିର ଏକ ଟେଲିଭିଜନ୍ ଚ୍ୟାନେଲରେ ସମ୍ପ୍ରସାରିତ ହୋଇଥିବା ଖବର ଅନୁସାରେ, ପୋପ୍ ଫ୍ରାନ୍ସିସ୍‌ଙ୍କ ଦେହାନ୍ତ ଆଜି ସକାଳ ଭାରତୀୟ ସମୟ ୭ଟା ୩୫ ମିନିଟ୍‌ରେ ଘଟିଥିଲା। ବିଶ୍ୱର ସର୍ବବୃହତ ଖ୍ରୀଷ୍ଟିଆନ୍ ଧର୍ମର ସର୍ବୋଚ୍ଚ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ୨୦୧୩ ମସିହାରେ ଭାଟିକାନ୍ ସିଟିରେ ପୋପ୍ ଭାବେ ଆଧ୍ୟାତ୍ମିକ ଧର୍ମଗୁରୁ ହୋଇଥିଲେ। ଗତକାଲି ଇଷ୍ଟର ରବିବାର ଦିନ ଏକ ଲୋକମାନଙ୍କୁ ସଂକ୍ଷିପ୍ତ ସାର୍ବଜନୀନ ଦର୍ଶନ ଦେଇଥିଲେ। ଗତ କିଛିଦିନ ଧରି ସ୍ୱାସ୍ଥ୍ୟବସ୍ଥାରେ ଅବନ୍ନତି ଦେଖାଦେବା ପରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଏକ ତଥ୍ୟ ଅନୁସାରେ, ବିଶ୍ୱର ୧୪୦ ଲକ୍ଷରୁ ଊର୍ଦ୍ଧ୍ୱ ଖ୍ରୀଷ୍ଟିଆନ୍ ଧର୍ମାବଲମ୍ବୀଙ୍କ ପୋପ୍ ପ୍ରାନ୍ସିସ୍ ଧର୍ମଗୁରୁ ଥିଲେ।

*Desk*

# ପିଏମ୍-ସିଭିଲ୍ ସର୍ଭିସେସ୍ ଡେ

ସରକାର ଦେଶରେ ସାମଗ୍ରିକ ବିକାଶ ସୁନିଶ୍ଚିତ କରିଥିବାରୁ ଗତ ୧୦ବର୍ଷ ମଧ୍ୟରେ ଭାରତରେ ପ୍ରଭାବଶାଳୀ ପରିବର୍ତ୍ତନ ଦେଖା ଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ନୂଆଦିଲ୍ଲୀର ବିଜ୍ଞାନ

ଭବନରେ ଆଜି ୧୭ତମ ସିଭିଲ୍ ସେବା ଦିବସ ଅବସରରେ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ସାମଗ୍ରିକ ବିକାଶର ଅର୍ଥ ହେଉଛି ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଜଳ, ଗୁଣାତ୍ମକ ଶିକ୍ଷା, ଉଦ୍ୟୋଗୀଙ୍କୁ ଆର୍ଥିକ ସୁବିଧା ଏବଂ ଗ୍ରାମାଞ୍ଚଳରେ ଡିଜିଟାଲ ଅର୍ଥନୀତିର ଲାଭ ଯୋଗାଇଦେବା । ଦେଶର ଯୁବବର୍ଗ, କୃଷକ ଏବଂ ମହିଳାଙ୍କ ସ୍ୱପ୍ନ ବିଗତ ୧୦ ବର୍ଷ ମଧ୍ୟରେ ଶିଖରରେ ପହଞ୍ଚିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମ ବିଷୟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଏହି ପଦକ୍ଷେପ ମାଧ୍ୟମରେ ଦେଶର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ, ସାମାଜିକ ବିକାଶ ଏବଂ ମୌଳିକ ଭିତ୍ତିଭୂମିର ପ୍ରମୁଖ ସୂଚକାଙ୍କରେ ଅଭୂତପୂର୍ବ ପରିବର୍ତ୍ତନ ଦେଖାଦେଇଛି । ପ୍ରଧାନମନ୍ତ୍ରୀ ତାଙ୍କର ଅଭିଭାଷଣରେ କହିଛନ୍ତି, ସରକାରଙ୍କ ଯୋଜନାଗୁଡ଼ିକ ଲୋକମାନଙ୍କ ପାଖରେ କିପରି ସହଜ ଏବଂ ପ୍ରଭାବଶାଳୀ ଢଙ୍ଗରେ ପହଁଞ୍ଚିପାରିବ ତାହା ସୁଶାସନର ଗୁଣବତ୍ତା ଉପରେ ନିର୍ଭର କରେ । ପ୍ରଧାନମନ୍ତ୍ରୀ କହିଛନ୍ତି, ସରକାର ବର୍ତ୍ତମାନ ଯେଉଁ ନୀତି ପ୍ରସ୍ତୁତ କରୁଛନ୍ତି ଏବଂ ନିଷ୍ପତ୍ତି ନେଉଛନ୍ତି, ତାହା ଆଗାମୀ ୧ ହଜାର ବର୍ଷ ପାଇଁ ଏକ ଦୃଢ଼ ଭବିଷ୍ୟତ ଗଠନ କରିବ ।

ପରିବର୍ତ୍ତନଶୀଳ ସମୟରେ ବିଶ୍ୱସ୍ତରୀୟ ଆହ୍ୱାନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି

ପ୍ରଧାନମନ୍ତ୍ରୀ କହିଛନ୍ତି, ପୃଥିବୀରେ ବିଶେଷ କରି ଖାଦ୍ୟ, ଜଳ ଓ ଶକ୍ତି ନିରାପତ୍ତା ବର୍ତ୍ତମାନର ଏକ ବଡ଼ ଆହ୍ୱାନ ଦେଖାଦେଇଛି।

ଏହି ଅବସରରେ ସର୍ବାଙ୍ଗୀନ ଉନ୍ନତିକରଣ ଜିଲ୍ଲାଭାବେ କୋରାପୁଟ ଜିଲ୍ଲାକୁ ପ୍ରଧାନମନ୍ତ୍ରୀ ପୁରସ୍କୃତ କରିଛନ୍ତି।

***HS***

## ସିଭିଲ ସେବା

ଜାତୀୟ ସିଭିଲ ସେବା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଶର ସିଭିଲ୍ ସେବକଙ୍କୁ ପ୍ରଶଂସା କରିଛନ୍ତି। ସେମାନଙ୍କର ନିଃସ୍ୱାର୍ଥ, ସମର୍ପଣ, ସଚ୍ଚୋଟ ଓ ଜନସେବା ପ୍ରତି ପ୍ରତିବଦ୍ଧତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ସିଭିଲ ସେବକମାନେ ଶାସନ ପ୍ରଣାଳୀ ସଶକ୍ତ କରିବା ଓ ନାଗରିକଙ୍କ ଜୀବନସ୍ତରକୁ ଉନ୍ନତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଆପଣଙ୍କ ସେବା ହିଁ ପ୍ରଗତିର ମେରୁଦଣ୍ଡ ବୋଲି ମୁଖ୍ୟମନ୍ତ୍ରୀ ଅଭିହିତ କରିଛନ୍ତି।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସିଭିଲ ସେବା ଅଧିକାରୀମାନଙ୍କର ଯୋଗଦାନ ମହତ୍ତ୍ୱପୂର୍ଣ୍ଣ ଯାହା ନ୍ୟାୟ ସମାନତା ଓ ସୁଶାସନରେ ନିହିତ ରହିଛି।

***BBSR/R***

# ମୁଖ୍ୟମନ୍ତ୍ରୀ - ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସମ୍ବଲପୁରରେ ଅନୁଷ୍ଠିତ ଜନଅଭିଯୋଗ ଶୁଣାଣି କରୁଛନ୍ତି। ଦୁର୍ଗାପାଲିସ୍ଥିତ ମହାନଗର ନିଗମ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଚାଲିଛି। ଅନଲାଇନ୍ ମାଧ୍ୟମରେ ୧ ହଜାର ପଞ୍ଜୀକୃତ ଅଭିଯୋଗଙ୍କ ସହିତ ମୋଟ  ହଜାର ଲୋକଙ୍କର ଅଭିଯୋଗ ଶୁଣାଣି ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଆଜିର ଶିବିରକୁ ଆସିଥିବା ମାମଲା ମଧ୍ୟରୁ ତତ୍କାଳ ସ୍ୱାସ୍ଥ୍ୟ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦେବାକୁ ମଞ୍ଜୁର କରାଯାଇଛି।

**- V/O -**

ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରିମଣ୍ଡଳର ମୋଟ ୧୧ ଜଣ ମନ୍ତ୍ରୀ ଏବଂ ୧୨ ଜଣ ବିଭିନ୍ନ ବିଭାଗର ସଚିବ ଯୋଗ ଦେଇଛନ୍ତି।

***HS***

# ଅପରାଧ ନିୟନ୍ତ୍ରଣ- ଆଇନମନ୍ତ୍ରୀ

ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ସରକାର ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ପୁଲିସକୁ ତଦନ୍ତ ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। କୌଣସି ଅପରାଧୀକୁ ସରକାର ରାଜନୈତିକ ସୁରକ୍ଷା ଦେଉନାହାଁନ୍ତି

ବୋଲି ଆଇନମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ସରକାର ତତ୍ପର ଅଛନ୍ତି ବୋଲି ସେ କହିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ନେଇ ବିଜେଡିର ଅଭିଯୋଗକୁ ଖଣ୍ଡନ କରି ଆଇନମନ୍ତ୍ରୀ ଏହି ମନ୍ତବ୍ୟ ଦେଇଛି।

***Desk***

## ପଇତାଲାଗି ନୀତି

ପୁରୀ ଶ୍ରୀମନ୍ଦିରରେ ଆଜି ବୈଶାଖ କୃଷ୍ଣ ଅଷ୍ଟମୀ ତିଥିରେ ଶ୍ରୀବିଗ୍ରହମାନଙ୍କର ପଇତାଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଅପରାହ୍ଣ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ୫ ଘଣ୍ଟା ପାଇଁ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଆସନ୍ତାକାଲି ମହାପ୍ରଭୁଙ୍କର ରାମାଭିଷେକ ନୀତି କରାଯିବା ସହ ବୁଧବାର ଦିନ ବନକଲାଗି ନୀତି ଅନୁଷ୍ଠିତ ହେବ। ଏହିସବୁ ବିଶେଷ ନୀତି ସମ୍ପାଦନକୁ ଦୃଷ୍ଟିରେ ରଖି ଆଜିଠାରୁ ଆସନ୍ତା ଗୁରୁବାର ପର୍ଯ୍ୟନ୍ତ ୪ ଦିନ ପାଇଁ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ କାର୍ଯ୍ୟ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

***Desk***

# ଓୟୁଏଟି ନାମଲେଖା ପ୍ରକ୍ରିୟା

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓୟୁଏଟିର ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ପ୍ରକ୍ରିୟା

ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟ ଅଧୀନରେ ୧୦ଟି କଲେଜରେ ଛାତ୍ରଛାତ୍ରୀ ଅନ୍‌ଲାଇନ୍‌ରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ନାମଲେଖା ପାଇଁ ଆବେଦନ କରିପାରିବେ । **ouat.ac.in** ରେ ଅଧିକ ତଥ୍ୟ ଉପଲବ୍ଧ ହେଉଛି ।

***Sonepur/Rayagagada/Nabarangpur***

## ଜନଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି ।

ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକରେ ଅନୁଷ୍ଠିତ ମିଳିତ ଜନଶୁଣାଣିରେ ଅତିରିକ୍ତ ଜିଲ୍ଲା ଅଞ୍ଜଳିନା ପ୍ରଧାନ ଓ ଆରକ୍ଷୀ ଅଧୀକ୍ଷକ ରାମପ୍ରସାଦ ସାହୁଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଛି । ଏଥିରେ ୩୦ଟି ଅଭିଯୋଗପତ୍ରର ଶୁଣାଣି କରାଯାଇ ସମାଧାନ କରାଯାଇଥିଲା ।

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ୩୮ଟି ଅଭିଯୋଗର ଶୁଣାଣି କରାଯାଇ ଦୁଇ ଜଣ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍ ଚେୟାର ପ୍ରଦାନ କରାଯିବା ସହ ୩୮ ଜଣଙ୍କୁ ପେନସନ୍ ଦିଆଯାଇଛି ।

ରାୟଗଡ଼ା ଜିଲ୍ଲା ରାମାନୁଗୁଡ଼ା ବ୍ଲକ ସଭାଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି । ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର

ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ୨୩ଟି ଅଭିଯୋଗର ଶୁଣାଣି କରାଯାଉଛି ।

*Rayagada*

## ଜାଆଁଳା ମାଛ

ରାୟଗଡ଼ା ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବଂଶଧାରା ନଦୀରେ ୭ ଲକ୍ଷ ୫୦ ହଜାର ମାଛ ଜାଆଁଳା ଛଡ଼ାଯାଇଛି । ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଜିଲ୍ଲା ମତ୍ସ୍ୟ ଅଧିକାରୀ ତଥା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ଏହି ନଦୀରୁ ମାଛ ଧରି ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କର ଆୟବୃଦ୍ଧିରେ ଏହି ପଦକ୍ଷେପ ସହାୟକ ହେବ ବୋଲି ବିଧାୟକ ଶ୍ରୀ ଗମାଙ୍ଗ କହିଛନ୍ତି ।

*Ganjam*

## ଜାତୀୟ ନାଟକ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଗଞ୍ଜାମ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ସହଯୋଗରେ ବ୍ରହ୍ମପୁରସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ରଙ୍ଗମଞ୍ଚରେ ଆସନ୍ତାକାଲିଠାରୁ ପୂର୍ବରଙ୍ଗ ଜାତୀୟ ନାଟକ ଉତ୍ସବ ଆରମ୍ଭ ହେବ । ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର ତଥା ଜାତୀୟ ନାଟ୍ୟ ବିଦ୍ୟାଳୟ ଆନୁକୂଲ୍ୟରେ ପାଞ୍ଚଦିନବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ନାଟକ ଉତ୍ସବ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲା ପ୍ରଶାସନ

ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି ।

***Nayagarh***

## ସଫେଇ ଅଭିଯାନ

ନୟାଗଡ଼ ଜିଲ୍ଲା ନାଗରିକ ମଞ୍ଚ ପକ୍ଷରୁ ନୟାଗଡ଼ ରେଳଷ୍ଟେସନ୍ ସଫେଇ ଏବଂ ଆବର୍ଜନା ପୋଡ଼ି କାର୍ଯ୍ୟ କରାଯାଇଛି । ଷ୍ଟେସନ୍ ପରିସର ଏବଂ ଆଖପାଖରେ ଥିବା ଅଳିଆ ଆବର୍ଜନାଗୁଡ଼ିକୁ ନାଗରିକ ମଞ୍ଚର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ସଫେଇ ଅଭିଯାନ କରାଯାଇଥିଲା ।

***Ganjam***

## କଳାକୁଞ୍ଜ ଉନ୍ମୋଚିତ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରର ମା' ବୁଢ଼ିଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରାର ୧୮ ଦିନରେ ୫ଟି ରଥ ଓ ଚାରୋଟି କଳାକୁଞ୍ଜ ଉନ୍ମୋଚିତ ହୋଇଛି । ଅସ୍ଥାୟୀ ମଣ୍ଡପରୁ ମା'ଙ୍କ ଘଟ ବାହାରି ବାଦ୍ୟ ଓ ଆଲୋକମାଳା ସହ ବିଭିନ୍ନ ସାହି ପରିକ୍ରମା କରି ପଦରା ସାହିରେ ମହିରାବଣ ବଧ କଳାକୁଞ୍ଜ ଉନ୍ମୋଚିତ ହୋଇଥିଲା ।

***Sonepur***

## ପୋଷଣ ପକ୍ଷ

ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପୋଷଣ ପକ୍ଷ ଅଭିଯାନ ପାଳନ କରାଯାଉଛି । ଗତ ୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ

ପୋଷଣ ତତ୍ତ୍ୱ ଓ ଖାଦ୍ୟ ସାର ସମ୍ପର୍କରେ ଜନସଚେତନତା ସୃଷ୍ଟି ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଗୋଷ୍ଠୀ ଶିଶୁ ମଙ୍ଗଳ ଅଧିକାରଙ୍କ ନେତୃତ୍ୱରେ ଏହି ପୋଷଣ ପକ୍ଷ ଅଭିଯାନରେ ପ୍ରଶାସନିକ ଅଧିକାରୀ ତଥା ବିଭାଗୀୟ ଅଧିକାରୀମାନେ ଯୋଗଦେଇ ପଦଯାତ୍ରାରେ ଅଂଶଗ୍ରହଣ କରିଛନ୍ତି । ଆସନ୍ତାକାଲି ଏହି ଅଭିଯାନ ଉଦ୍‌ଯାପିତ ହେବ ।

***Desk***

# କଳିଙ୍ଗ କପ୍ ଫୁଟବଲ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଗୋକୁଲମ୍ କେରଳ ଏଫ୍‌ସି ଏବଂ ଗୋଆ ଏଫ୍‌ସି ମଧ୍ୟରେ ଆଜି ଅପରାହ୍ନ ୪ଟା ୩୦ ମିନିଟ୍‌ରେ ମୁକାବିଲା ହେବ । ସେହିପରି ରାତି ୮ଟାରେ ଆରମ୍ଭ ହେବାକୁ ଥିବା ତୃତୀୟ ପ୍ରି-କ୍ୱାର୍ଟର ଫାଇନାଲରେ ଓଡ଼ିଶା ଏଫ୍.ସି’ ଦଳ ପଞ୍ଜାବ ଏଫ୍.ସି.କୁ ଭେଟିବ ।  ଗତକାଲି ଅନୁଷ୍ଠିତ ଉଦ୍‌ଘାଟନୀ ମ୍ୟାଚ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି’ ଇଷ୍ଟ ବେଙ୍ଗଲ ଏଫ୍‌ସିକୁ ୨-୦ ଗୋଲ୍‌ରେ ପରାସ୍ତ କରିଥିଲା ।

***Desk***

# ପାଣିପାଗ

ରାଜ୍ୟରେ କାଳବୈଶାଖୀ ପ୍ରଭାବରେ କିଛିଦିନ ଧରି ତାପମାତ୍ରା ହ୍ରାସ ପାଇଥିଲେ ମଧ୍ୟ ପଶ୍ଚିମ ଓଡ଼ିଶାର କେତେକ ସ୍ଥାନରେ ଆଜି ତାପମାତ୍ରା ବୃଦ୍ଧି ପାଇଛି । ଦିନ ଗୋଟାଏ ସୁଦ୍ଧା ଝାରସୁଗୁଡ଼ାରେ ସର୍ବୋଚ୍ଚ ତାପମାତ୍ରା

୪୩.୫ ଡିଗ୍ରୀ  ସେଲସିୟସ୍ ରେକର୍ଡ କରାଯାଇଛି । ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ପଶ୍ଚିମ, ଉତ୍ତର-ଦକ୍ଷିଣ ଏବଂ ଉପକୂଳ ଜିଲ୍ଲାଗୁଡ଼ିକରେ ଆସନ୍ତା ତିନିଦିନ ପରେ ତାପମାତ୍ରା ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ ଆଦି  ୧୯ଟି ଜିଲ୍ଲାରେ ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ହେବା ସହ କେତେକ ସ୍ଥାନରେ ୩୦ରୁ ୫୦ କିଲୋମିଟର ବେଗରେ ପବନ ବହିବା ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।

*********************************